Prameya
JK Lakshmi cement new 'Platinum Supremo'
Nov 21, 2021 | Bhubaneshwar | Pg No.: 15 | Middle Center | Bureau | Sq Cm: 182 | AVE: 98278 | PR Value: 491390



# ଜେକେ ଲକ୍ଷ୍ମୀର ପ୍ରିମିୟମ୍ ସିମେଣ୍ଟ 'ପ୍ଲାଟିନମ୍ ସୁପ୍ରିମୋ'




ଭୁବନେଶ୍ୱର,୨୦।୧୧(ବ୍ୟୁରୋ): ଓଡ଼ିଶା ଉପଭୋକ୍ତାଙ୍କ ବିଶେଷ ନିର୍ମାଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦେଶର ପ୍ରତିଷ୍ଠିତ ସିମେଣ୍ଟ କମ୍ପାନି ଜେକେ ଲକ୍ଷ୍ମୀ ସିମେଣ୍ଟ ଏକ ପ୍ରିମିୟମ୍ ସିମେଣ୍ଟ ବ୍ରାଣ୍ଡ 'ପ୍ଲାଟିନମ୍ ସୁପ୍ରିମୋ ସିମେଣ୍ଟ'ର ବଜାର ପ୍ରବେଶ କରାଇଛି। କମ୍ପାନିର ପ୍ରମୁଖ ଅଧିକାରୀ, ବ୍ୟବସାୟିକ ସହଯୋଗୀ ଏବଂ ଚ୍ୟାନେଲ ପାର୍ଟନରମାନଙ୍କ ଉପସ୍ଥିତିରେ ଆଜି ଭୁବନେଶ୍ୱରରେ ଏହାର ଉନ୍ମୋଚନ କରାଯାଇଛି। ଏହି ଅବସରରେ ଅଲମ୍ପିକ ବିଜେତା ତଥା ପ୍ଲାଟିନମ୍ ସୁପ୍ରିମୋ ସିମେଣ୍ଟର ବ୍ରାଣ୍ଡ ଆମ୍ବାସଡର ବକ୍ସର ବିଜେନ୍ଦର ସିଂହ ଯୋଗ ଦେଇଥିଲେ। ଜେକେ ସିମେଣ୍ଟର ଏହି ଦମ୍ଦାର ଉତ୍ପାଦର ପ୍ରତିନିଧିତ୍ୱ କରି ସେ ବେଶ୍ ଉତ୍ସାହିତ ଥିବା ଏହି ଅବସରରେ ପ୍ରକାଶ କରିଥିଲେ।

ଏହି ନୂଆ ଉତ୍ପାଦ ପାର୍ଟିକଲ ପ୍ୟାକିଂ ଟେକ୍ନୋଲୋଜିରେ ପ୍ରସ୍ତୁତ, ଯାହା ଏକ ମଜଭୁତ ଏବଂ ଦୀର୍ଘସ୍ଥାୟୀ ଛାତ ନିର୍ମାଣକୁ ନିଶ୍ଚିତ କରେ। ଏହି ପ୍ରିମିୟମ୍ ସିମେଣ୍ଟର ଅନେକ ବିଶେଷତ୍ୱ ରହିଛି। ସେଗୁଡିକ ମଧ୍ୟରେ ରହିଛି ଆକର୍ଷଣୀୟ ସାମର୍ଥ୍ୟ। ଏହା ବାର୍‌ରେ ମଜଭୁତ ଭାବେ ଧରେ। ସୁପ୍ରିମ୍ ଫାଇନ୍ ପାର୍ଟିକଲ୍ସ, ସୁପ୍ରିମ ଟେକ୍ନିକାଲ ସର୍ଭିସ ଏବଂ ଉଚ୍ଚ ଗୁଣବତ୍ତାବିଶିଷ୍ଟ ଆଉ୍ ଷ୍ଟାର ପ୍ୟାକିଂ ବୈଶିଷ୍ଟ୍ୟ ରହିଛି, ଯାହା ସିମେଣ୍ଟ ଚୋରି ସମ୍ଭାବନାକୁ ଏକ୍‌ଦମ୍ ଶୂନ କରିଥାଏ। ସଠିକ ଓଜନର ସିମେଣ୍ଟ ପାଇବେ ଗ୍ରାହକ। ଏହି ଅତ୍ୟାଧୁନିକ ସିମେଣ୍ଟ ଶିଳ୍ପରେ କ୍ରାନ୍ତି ଆଣିବା ସହ ଏହାର କ୍ଷମତା ଏବଂ ପ୍ରଭାବ ଯୋଗୁ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ସନ୍ତୁଷ୍ଟି ମିଳିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଏହି ଅବସରରେ ଯୋଗ ଦେଇ ଜେକେ ଲକ୍ଷ୍ମୀ ସିମେଣ୍ଟ ଲିମିଟେଡ୍‌ର ଅଧ୍ୟକ୍ଷ ଅରୁଣ ଶୁକ୍ଳା କହିଛନ୍ତି ଯେ, ପ୍ଲାଟିନମ ସୁପ୍ରିମୋ ସିମେଣ୍ଟ ଏହାର ଗୁଣବତ୍ତା ଏବଂ ଉଚ୍ଚ କ୍ଷମତା ସହ ସମସ୍ତଙ୍କ ଧ୍ୟାନ ଆକର୍ଷିତ କରିବ। ଛାତ ପାଇଁ ଉପଯୁକ୍ତ କଂକ୍ରିଟ ପ୍ରସ୍ତୁତ କରିବାର କ୍ଷମତା ଏହାକୁ ଅନ୍ୟ ବ୍ରାଣ୍ଡଗୁଡିକଠାରୁ ଭିନ୍ନ କରୁଛି। କମ୍ପାନିର ଅନ୍ୟ ବ୍ରାଣ୍ଡଗୁଡିକ ଭଳି ଏହି ନୂଆ ବ୍ରାଣ୍ଡ ମଧ୍ୟ ଓଡ଼ିଶା ଗ୍ରାହକଙ୍କ ମନ ଜିଣିବ ବୋଲି ଆଶା। ଶୁକ୍ରବାର କଟକରେ ଥିବା କମ୍ପାନିର ପ୍ଲାଣ୍ଟରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପ୍ଲାଟିନମ ସୁପ୍ରିମୋ ସିମେଣ୍ଟକୁ ଓଡ଼ିଶାର ପ୍ରମୁଖ ଡିଲରମାନଙ୍କୁ ପଠାଯାଇଛି।